# Akashvani, Sambalpur

## SAMBALPURI NEWS BULLETIN

### 8 April 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ ଗସ୍ତ          I&PR

ନୂଆଦିଲ୍ଲୀ ଗସ୍ତଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନିବେଶକ୍ ସମ୍ମିଳନୀଥି ଯୋଗ୍ ଦେଇକରି ରାଏଜେ ପୁଞ୍ଜିନିବେଶ୍ କର୍‌ବାର୍ ଲାଗି ପୁଞ୍ଜିପତିମାନ୍‌କୁ ନିଉତା ଦେବେ । ଇ ଅବ୍‌ସରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା । ପାରାଦ୍ୱୀପ୍ ନ ନାପ୍‌ତା କ୍ରାକର୍ ପ୍ରକଳ୍ପ, ଚଣ୍ଡିଖୋଲ୍ ଠାନେ ଅଶୋଧିତ ପ୍ରାକୃତିକ ତେଲ୍ ଭଣ୍ଡାର୍ ଆଉ ଗୋପାଲ୍‌ପୁର୍ ଠାନେ ଏଲ୍‌ଏନ୍‌ଜି ଟର୍ମିନାଲ୍ ଥାପ୍‌ନା ଲାଗି ଆଇଓସିଏଲ୍ ସାଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବା ବଲି ଜନାପଡ଼ିଛେ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର୍ କେତେଟା ପ୍ରସଙ୍ଗ ଉପ୍‌ରେ କେନ୍ଦ୍ରମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଏଚ୍‌ସିଏଲ୍ ଟେକ୍ କମ୍ପାନୀ ବୁଲିଥିଲେ । ଆଲୋଚନା

ଉତ୍ରୁ କମ୍ପାନୀ ଓଡ଼ିଶାନୁ ତାର୍ ଶାଖା ଖୁଲ୍‌ବାର୍‌କେ ନିଷ୍ପତି ନେଇଛେ ।

ଓଡ଼ିଆ ପକ୍ଷ-ରକ୍ତଦାନ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ -୨୦୨୫ ପାଲନ୍‌ର ୮ ନମ୍ବର୍ ଦିନେ ଆଏଜ୍ ରକ୍ତଦାନ୍ ଅଭିଯାନ୍ ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ବାର୍ତା ଦେଇକରି ରକ୍ତଦାନ୍ କର୍‌ବାର୍‌କେ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସ୍ୱେଚ୍ଛାକୃତ ରକ୍ତଦାନ୍ କରିକରି ଜୀବନ୍‌ଦାନ୍ କର୍‌ବାର୍ ଆଉ ରାଏଜେ ରକ୍ତଦାନ୍‌କେ ସଫଲ୍ କର୍‌ବାର୍‌କେ ଜୋର୍ ଦେଇଛନ୍ । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ରକ୍ତଦାନ୍ ଶିବିର୍ ମାନ୍ ଆୟୋଜନ୍ କରାଯିବା ।

ରନ୍ଧା ଗେସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରନ୍ଧା ଗେସ୍‌ର ଦାମ୍ ସିଲିଣ୍ଡର୍ ପିଛା ୫୦ ଟଙ୍କା ବଢ଼ିଛେ । ଆଏଜ୍‌ଠାନୁ ସବୁ ଏଲ୍‌ପିଜି ସଲିଣ୍ଡର୍ ଲାଗି ବଢ଼ିଥିବା ଦାମ୍ ଲାଗୁ ହେଇଛେ । ଉଜ୍ୱଲା ହିତାଧିକାରୀମାନ୍‌କର୍ ଲାଗି ଭିଲ୍ ଏଲ୍‌ପିଜି

ବଢ଼ିଥିବା ଦାମ୍ ଲାଗୁ ହେବା । ସେଆଡ଼େ ପେଟ୍ରୋଲ୍ ଆର୍ ଡିଜେଲ୍ ଉପ୍‌ରେ ଉତ୍ପାଦ ଶୁଳ୍କ ଲିଟର୍ ପିଛା ୨ ଟଙ୍କା ଲେଖା ବଢ଼ାଯାଇଛେ । ଇଟା ଭିଲ୍ ଆଏଜ୍‌ଠାନୁ ଲାଗୁ ହେବା ବଲି କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ପିଆଇବି

ଦେଶର୍ ଲୁକ୍‌କୁ ଛୋଟ୍ ବେପାର୍ ମୁଲ୍ କର୍‌ବାର୍ ଲାଗି ସୁଯୋଗ୍ ଦେବାର୍‌କେ ଆଉ ଅଣୁ ଉଦ୍ୟୋଗ୍‌କେ ତହଁକାବାର୍ ଲାଗି କେନ୍ଦ୍ର ସର୍‌କାର୍ ୧୦ ବଛର୍ ଆଘୋନୁ ଆଝିର୍ ଦିନେ ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ମୁଲ୍ କରିଥିଲେ । କେନ୍‌ସି ଭିଲ୍ ଲୋକ୍ ନିଜର୍ ବ୍ୟବସାୟକେ ଆଗ୍‌କେ ବଢ଼ାବାର୍ ଲାଗି ଇ ଯୋଜ୍‌ନାଥି ଋଣ ସୁବିଧା ପାଉଛନ୍ । ଇଥି ମୁଦ୍ରା କାର୍ଡ଼୍ ଭିଲ୍ ଜାରି କରାଯାଏସି ।

ସର୍‌କାରୀ ସୂଚ୍‌ନା ଅନ୍‌ସାରେ ଗଲା ୧୦ ବଛର୍‌ଥି ଯୋଜ୍‌ନା ଜରିଏ ଦେଶର୍ ୫୨ କୋଟି ଲୋକ୍ ଆଉ ଉଦ୍ୟୋଗ୍‌ମାନ୍‌କୁ ୩୨ ଲାଖ୍ ୬୧ ହଜାର୍ କୋଟି ଟଙ୍କାର୍ ଋଣ ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି ଋଣ ନେଉଥିବାର୍ ଲୁକ୍‌କର୍

ଭିତ୍‌ରେ ଆର୍ଥିକ୍ ଦୃଷ୍ଟିନୁ ଦୁର୍ବଲ୍ ବର୍ଗର୍ ଉଦ୍ୟମୀ ଅଛନ୍ । ହେଲେ ଯୋଜ୍‌ନାଥି ସବୁଠାନୁ ଜହ ହିତାଧିକାରୀ ମହିଲା ଆନ୍ ବଲି ଜନାପଡ଼ିଛେ । ୭୦ ପ୍ରତିଶତ୍‌ନୁ ଅଏତ୍‌କା ଖାତା ମହିଲାମାନ୍‌କର୍ ନାଁଥି ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି ଛୋଟ୍ ବେଉସା ମୁଲ୍ କର୍‌ବାର୍ ଲାଗି ୨୦ ଲାଖ୍ ଟଙ୍କାତକ୍ ଋଣ ଦିଆଯାଉଛେ ।

ପୋଷଣ୍ ପକ୍ଷ         ପି.ଆଇ.ବି.

ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଲୟ ତର୍‌ଫୁ ୭ ନମ୍ବର୍ ପୋଷଣ୍ ପକ୍ଷ ଆଏଜ୍‌ଠାନୁ ମୁଲ୍ ହେଉଛେ । ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜରିଏ ଦେଶେ ପୋଷଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା । ଆଏଜ୍ ଅରୁଣାଚଲ୍ ପ୍ରଦେଶ୍‌ନୁ ମହିଲା ଆଉ ଶିଶୁବିକାଶ୍ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ପୋଷଣ୍ ପକ୍ଷର ଶୁଭାରମ୍ଭ କର୍‌ବେ ।

ଏଆଇ ଉଜନ୍, ଉଚ୍ଚତା ମାପ୍‌ବାର୍ ବ୍ୟବସ୍ଥା            I&PR

ରାଏଜେ ପାଇଲଟ୍ ପ୍ରୋଜେକ୍ଟ ଭାବେ କୃତ୍ରିମ ବୁଦ୍ଧିମତା- ଏଆଇ ଆଧାରିତ୍ ଛୁଆମାନ୍‌କର୍ ଉଜନ୍ ଆର୍ ଉଚ୍ଚତା ମାପ୍‌ବାର୍

ବ୍ୟବସ୍ଥା ମୁଲ୍ କରାଯାଇଛେ । ଇତାର୍ ଜରିଏ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ଛୁଆମାନ୍‌କର୍ ଉଚ୍ଚତା ଆର୍ ଉଜନ୍‌କେ ବରାବର୍ ନଜର୍ ରଖାଯିବା । ଇ ନୂଆଁ ବ୍ୟବସ୍ଥା ଲାଗୁ କର୍‌ବାର୍‌ଥି ଓଡ଼ିଶା ଦେଶେ ପହେଲା ରାଜ୍ୟ ଆଏ ବଲି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଆଇସିଏମ୍‌ଆର୍ ଅଡିଟୋରିୟମ୍  ନ ଉଦ୍‌ଘାଟିତ୍ ହେଇଥିବା ଇ ବାବଦ୍ ୫ ଦିନିଆ କର୍ମଶାଳାଥି ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ବିଧିଆୟୋଗ୍ କାର୍ଯ୍ୟାଳୟ I&PR

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗଲାକାଏଲ୍ ଓଡ଼ିଶା ବିଧିଆୟୋଗ୍ କାର୍ଯ୍ୟାଳୟ  ଭୁବ୍‌ନେଶ୍ୱର୍ ତୋଷାଳି ଭବନ୍ ଠାନେ ଉଦ୍‌ଘାଟନ୍ କରିଛନ୍ । ଇ କାର୍ଯ୍ୟାଳୟ ରାଏଜେ ପ୍ରଚଲିତ୍ ଆଇନ୍ ବ୍ୟବସ୍ଥାର୍ ତର୍ଜମା, ପରିବର୍ତନ୍ ଆର୍ ସଂଶୋଧନ୍ କର୍‌ବାର୍ ଦିଗେ ସର୍‌କାର୍‌ଙ୍କୁ ପରାମର୍ଶ ଦେବାର୍‌କେ ରାଜ୍ୟ ସର୍‌କାର୍ ଓଡ଼ିଶା ବିଧି ଆୟୋଗ୍ ଗଠନ୍ କରିଛନ୍ । ଇ ସବୁ ଦିଗେ ବିଧି ଆୟୋଗ୍ କାର୍ଯ୍ୟାଳୟ ବଡ଼୍‌ଟେ ଭୂମିକା ନେବା ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଆୟୋଗ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ସହେତେ ପଦାଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାୱାର୍ ସବ୍ଷ୍ଟେସନ     ଆର୍ଏନ୍ୟୁ/ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲା ତର୍ଭା ବ୍ଲକ୍ ଦେଉଲ୍ପଦର୍ ଠାନେ ୩୩ / ୧୧ କେଭି ପାୱାର୍ ସବ୍ଷ୍ଟେସନ୍ର ଲୋକାର୍ପଣ୍ କରିଛନ୍ । ଇ ପାୱାର୍ ଷ୍ଟେସନ୍ ଜରିଏ ୪ ଟା ୧୧ କେଭି ଫିଡର୍, ନାରାୟଣ୍ପୁର୍, ଦେଉଲ୍ପଦର୍, ପାଇକ୍ବାହାଲ୍ ଆର୍ ଲଛିପୁର୍ ଫିଡ଼ର୍ ଅନ୍ତର୍ଗତ ୧୯ ଟା ଗାଁର୍ ୪ ହଜାର୍ନୁ ଅଏତ୍କା ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାର୍ବେ । ଇ ପାୱାର୍ ଷ୍ଟେସନ୍ ଜରିଏ ଇଲାକାର୍ ୫ ଶହ ୫୦ ଚାଷୀ ଉପଭୋକ୍ତା ଲାଭ୍ ପାଏବେ ।

ରାଜସ୍ୱ ସଂଗ୍ରହ- ବୈଠକ     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଖଡ଼ିଆଲ୍ ବନଖଣ୍ଡ ଅଧିକାରୀଙ୍କର୍ ସମ୍ମିଲନୀ ଠାନେ ରାଜସ୍ୱ ସଂଗ୍ରହକେ ନେଇକରି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ ଅତିରିକ୍ତ ଜିଲ୍ଲାପାଲ୍ ରାଜସ୍ୱ ଭୀମ୍ସେନ୍ ଶବରଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍

ଦେଇକରି ଜିଲ୍ଲା ନ ଧାରିଜ୍ ସମିଆ ଭିତ୍ରେ ରାଜସ୍ବ ଆଦାୟ କର୍ବାର୍ ବାବ୍ଦେ ଆଲୋଚନା କରିଥିଲେ ।

ତୀର୍ଥଯାତ୍ରା ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ନୂଆପଡ଼ା ଜିଲ୍ଲା ୭୪ ଝନ୍ ବରିଷ୍ଠ ନାଗରିକ୍ ରାଜ୍ୟ ସର୍କାର୍ଙ୍କର୍ ତୀର୍ଥଯାତ୍ରା ଯୋଜ୍ନାଥି ଅଯୋଧ୍ୟା ବାରାଣାସୀ ଯାତ୍ରା କରିଛନ୍ । ତୀର୍ଥଯାତ୍ରୀମାନ୍କୁ ନେଇକରି ଯାଇଥିବା ବସ୍କେ ଅତିରିକ୍ତ ଜିଲ୍ଲାପାଲ୍ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ପର୍ଯ୍ୟଟନ୍ ଅଧିକାରୀ ଘନଶ୍ୟାମ ମୁଣ୍ଡ ଶୁଭାରମ୍ଭ କରିଥିଲେ ।